# ଧାନର ଅଭାବୀ ବିକ୍ରି କାହିଁକି ?

୦୫/୦୮/୨୦୦୯

**ଆମ ଘରର ହାଲ୍‌ଚାଲ୍**

ସୌମ୍ୟରଂଜନ ପଟ୍ଟନାୟକ

ଗତ ସପ୍ତାହରେ ଧାନର ଅଭାବୀ ବିକ୍ରି ସମସ୍ୟା, ପ୍ରଶାସନିକ କଳର ବଡ଼ପଣ୍ଡାମାନଙ୍କ ସମ୍ପୂର୍ଣ୍ଣ ଉଦାସୀନ ମନୋଭାବର ପରିଚୟ ଦେବା ସଙ୍ଗେ ସଙ୍ଗେ ଆମ ରାଜନେତାମାନଙ୍କର ଦୁର୍ନୀତିଖୋର ମନୋବୃତ୍ତିର ଅକାଟ୍ୟ ପ୍ରମାଣ ଉପସ୍ଥାପିତ କରୁଛି ବୋଲି କହିଥିଲୁ। ଏଥିରେ ୩୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତିର ଗନ୍ଧ ଥିବାର ଅଭିଯୋଗ କରି ଏଥର ଏହାର ପ୍ରମାଣ ଦେବୁ ବୋଲି କହିଥିଲୁ। ଆଶା କରାଯାଉଥିଲା, ସରକାର ଏ ସମ୍ପର୍କରେ କିଛି ସ୍ପଷ୍ଟୀକରଣ ଦେବେ। ତାଙ୍କର ନୀତି ଓ ନିଷ୍ପତ୍ତି ସପକ୍ଷରେ ଯୁକ୍ତି ବାଢ଼ି ଆମର ଅଭିଯୋଗ ଅମୂଳକ ବୋଲି କହିବେ। ଏବେ କିନ୍ତୁ ଆମ ନେତା ଓ ପ୍ରଶାସକମାନଙ୍କର ଏକ ଅଦ୍ଭୁତ ଅଭ୍ୟାସ ଦେଖାଯାଉଛି। ଆପଣ ଯେତେ ଅଭିଯୋଗ ଆଣନ୍ତୁ, ଯେଉଁ ପ୍ରକାର ତଥ୍ୟ ଏବଂ ପ୍ରମାଣ ଉପସ୍ଥାପିତ କରନ୍ତୁ, ଏମାନଙ୍କର ଚମଡ଼ା ଏତେ ମୋଟା ହେଲାଣି ଯେ, ଏ ସବୁ କିଛି କାଟୁ କରୁନାହିଁ। ଓଲଟା ଅଭିଯୋଗଗୁଡ଼ିକୁ ସମ୍ପୂର୍ଣ୍ଣ ଉପେକ୍ଷା କରିବା ଏମାନଙ୍କ ପାଇଁ ଆତ୍ମରକ୍ଷାର ଏକ ନୂଆ କୌଶଳ ହୋଇଛି।

ଏ ବର୍ଷ ଧାନର ଅଭାବୀ ବିକ୍ରି କାହିଁକି ହେଲା ? ଏକପକ୍ଷରେ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ଉତ୍କଟ ମରୁଡ଼ି ହୋଇଥିବାବେଳେ ଧାନର ଅଭାବୀ ବିକ୍ରି ଏକ ବିଡ଼ମ୍ବନା ନୁହେଁ କି ? ଏହାର କାରଣ ସମ୍ପର୍କରେ ସରକାରୀ ସ୍ତରରେ କ'ଣ ଅନୁସନ୍ଧାନ କରାଯାଇଛି ଆମେ ଜାଣୁନା। କିନ୍ତୁ ଆମ ବିଚାରରେ ଧାନର ଅଭାବୀ ବିକ୍ରି ପଛରେ ପ୍ରଶାସନର ଅପରିଣାମଦର୍ଶୀ ନିଷ୍ପତ୍ତି ଏବଂ ରାଜନେତାମାନଙ୍କର ଲାଭଖୋର ମନୋବୃତ୍ତି ମୁଖ୍ୟତଃ ଦାୟୀ। ଏ ସମ୍ପର୍କରେ ସରକାରୀ ବ୍ୟବସ୍ଥାକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ହୋଇଯିବ। ଚାଷୀ ଭାଇମାନଙ୍କର ଅଭାବୀ ବିକ୍ରି ସମସ୍ୟାର ମୁକାବିଲା କରିବାପାଇଁ କେନ୍ଦ୍ର ସରକାର ପ୍ରତିବର୍ଷ ବିଭିନ୍ନ କୃଷିଜାତ ଦ୍ରବ୍ୟର ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଥାନ୍ତି। ଏହି ମୂଲ୍ୟରେ ଧାନ ଚାଷୀ ଭାଇମାନଙ୍କଠାରୁ କିଣାଯିବା କଥା। ଓଡ଼ିଶାରେ କିନ୍ତୁ ସରକାରୀ ସ୍ତରରେ ଚାଷୀ ଭାଇମାନଙ୍କଠାରୁ ଧାନ କିଣିବାର କୌଣସି ବ୍ୟବସ୍ଥା ନାହିଁ। ଚାଉଳ କଳର ମାଲିକମାନେ ଚାଷୀମାନଙ୍କଠାରୁ ସହାୟକ ମୂଲ୍ୟ ଦେଇ ଧାନ କିଣନ୍ତି, ପରେ ତାକୁ ତାଙ୍କ ମିଲରେ ଚାଉଳ କରି କିଛି ଖୋଲା ବଜାରରେ ଏବଂ ଆଉ କିଛି 'ଲେଭି'ରେ ଭାରତୀୟ ଖାଦ୍ୟ ନିଗମକୁ ବିକିଥାନ୍ତି। ପ୍ରତିବର୍ଷର ଫସଲ ପରିମାଣକୁ ଦେଖି ଖୋଲା ବଜାର ଓ 'ଲେଭି'ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ। ଏହା ଫଳରେ ଚାଉଳ ବଜାରରେ ସନ୍ତୁଳନ ଆସିଥାଏ। ଚାଷୀ ଭାଇମାନେ ମିଲ୍ ମାଲିକମାନଙ୍କର ସମ୍ଭାବ୍ୟ ଶୋଷଣରୁ ରକ୍ଷା ପାଇଥାନ୍ତି।

ପ୍ରତିବର୍ଷ ପରି ଏ ବର୍ଷ ଅକ୍ଟୋବର ମାସରେ ଯୋଗାଣ ବିଭାଗ, ଯୋଗାଣ ନିଗମ ଓ ଭାରତୀୟ ଖାଦ୍ୟ ନିଗମ ୮ ଲକ୍ଷ ଟନ୍ 'ଲେଭି' ଚାଉଳ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ କଲେ ଏବଂ ଖରିଫ୍ ଫସଲ ଅମଳ ସମାପ୍ତ ବେଳକୁ ଭାରତୀୟ ଖାଦ୍ୟ ନିଗମ ପ୍ରାୟ ୬ ଲକ୍ଷ ଟନ୍ ଚାଉଳ ସଂଗ୍ରହ କରିସାରିଥିଲେ। ରବି ଫସଲ ସମୟକୁ ଆଉ ଦୁଇ ଲକ୍ଷ ଟନ୍ ସଂଗ୍ରହ କରିବେ ବୋଲି ଲକ୍ଷ ଧାର୍ଯ୍ୟ କରି ରହିଲେ। ଯଦି ନିର୍ଦ୍ଧାରିତ ଆଠ ଲକ୍ଷ୍ୟ ଟନ୍ ଚାଉଳର ୭୫ ଭାଗ ଖରିଫ୍ ଫସଲ ସମୟରେ ସଂଗ୍ରହ କରାଯାଇଛି ବୋଲି ଖାଦ୍ୟ ନିଗମ ଦାବି କରୁଛି, ତାହାହେଲେ ଏ ଚାଉଳ କେଉଁଠୁ ଆସିଲା ? ଯଦି ଚାଷୀ ଭାଇମାନଙ୍କଠାରୁ ସହାୟକ ମୂଲ୍ୟ ଦେଇ ଧାନ ସଂଗ୍ରହ ମିଲ୍ ମାଲିକମାନେ କରିଥିଲେ, ତାହାହେଲେ ଧାନର ଅଭାବୀ ବିକ୍ରି ହେଲା କାହିଁକି ? ଟିକିଏ ତଳେଇ ଦେଖିଲେ କଥାଟି ପରିଷ୍କାର ହୋଇଯିବ।

ଦୁଇବର୍ଷ ତଳେ ଓଡ଼ିଶାରେ ମହାବାତ୍ୟା ହୋଇଥିଲା। ସମଗ୍ର ଉପକୂଳ ଅଞ୍ଚଳ ଏହାଦ୍ୱାରା କ୍ଷତିଗ୍ରସ୍ତ ହେଲା। ଅନ୍ୟାନ୍ୟ ସାହାଯ୍ୟ, ସୁବିଧା ଛଡ଼ା 'ଖାଦ୍ୟ ପାଇଁ କାମ' ଯୋଜନାରେ ଏକ ଲକ୍ଷ ଟନ୍ ଚାଉଳ ଅଧିକ ଆସିଥିଲା। ତା'ପରବର୍ଷ ପଶ୍ଚିମ ଓଡ଼ିଶାରେ ଉତ୍କଟ ମରୁଡ଼ି ଦେଖାଦେଲା। ବିଗତ କେତେବର୍ଷ ଧରି ଆମମାନଙ୍କ ଭିତରେ ଭାବଗତ ଏକତାର ଅଭାବ ଦୃଷ୍ଟିରୁ ଆମ ରାଜନେତାମାନେ ନିଜର ରାଜନୈତିକ ପ୍ରୌଢ଼ି ଦେଖାଇବା ପାଇଁ ପୁଣି ଆଉ ଏକ ଲକ୍ଷ ଟନ୍ ଚାଉଳ 'ଖାଦ୍ୟ ପାଇଁ କାମ ଯୋଜନା'ରେ ଅନୁମୋଦିତ କରାଇନେଲେ। ଫଳରେ ମାତ୍ର ଗୋଟିଏ ବର୍ଷରେ ଓଡ଼ିଶାରେ ଦୁଇ ଲକ୍ଷ ଟନ୍ ଚାଉଳ ବଜାରକୁ ଛଡ଼ାଗଲା। ଏହାଛଡ଼ା ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ମାସକୁ ୫୦ ହଜାର ଟନ୍ ଚାଉଳ ସରକାର ଉଠାଇଥାଆନ୍ତି। ଅର୍ଥାତ୍ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ୬ ଲକ୍ଷ ଟନ୍ ପର୍ଯ୍ୟନ୍ତ ଚାଉଳ ଉଠାଯାଏ। ଅର୍ଥାତ୍ ଗୋଟିଏ ବର୍ଷରେ ୬ ଲକ୍ଷ ଟନ୍ ଚାଉଳ ପରିବର୍ତ୍ତେ ପ୍ରାୟ ୮ ଲକ୍ଷ ଟନ୍ ଚାଉଳ ଆମ ବଜାରକୁ ଛଡ଼ାଗଲା। ଲକ୍ଷ୍ୟ କରିବାର କଥା ଯେ, ସାଧାରଣ ବଣ୍ଟନ ବ୍ୟବସ୍ଥା ଏବଂ 'ଖାଦ୍ୟ ପାଇଁ କାମ ଯୋଜନା'ର ହିତାଧିକାରୀମାନେ ପ୍ରାୟ ଗୋଟିଏ ବର୍ଗର। ସ୍ୱାଭାବିକ ଭାବରେ ଚାଉଳର ଚାହିଦା କମିଗଲା। ବଜାର ଦର ସେହି ଅନୁପାତରେ କମିବାକୁ ଲାଗିଲା।

ବାତ୍ୟା ଓ ମରୁଡ଼ି ପାଇଁ ଯେଉଁ ଦୁଇ ଲକ୍ଷ ଟନ୍ ଚାଉଳ 'ଖାଦ୍ୟ ପାଇଁ କାମ ଯୋଜନା'ରେ ଆସିଲା, ତାହା ନିଶ୍ଚିତ ଭାବରେ ଷ୍ଟୋରେଜ୍ ଏଜେଣ୍ଟ ଓ କଳାବଜାରୀଙ୍କ କୌଶଳରେ ଏଫ୍.ସି.ଆଇ. ଗୋଦାମର 'ଲେଭି' ଲକ୍ଷ୍ୟ ପୂରଣ କରିବାରେ ବ୍ୟବହୃତ ହୋଇଥିବ। ବରଗଡ଼ ଜିଲ୍ଲାରେ ଏହା ସର୍ବାଧିକ ବୋଲି ଶାସନ ସଚିବ ସତ୍ୟପ୍ରକାଶ ନନ୍ଦ ମଧ୍ୟ ସ୍ୱୀକାର କରିଛନ୍ତି। ୬ ଲକ୍ଷ ଟନ୍ 'ଲେଭି' ଲକ୍ଷ୍ୟ ପୂରଣ କରିବାପାଇଁ ଯଦି ଲକ୍ଷାଧିକ ଟନ୍ 'ଖାଦ୍ୟପାଇଁ କାମ' ଚାଉଳ ବ୍ୟବହୃତ ହୋଇଥିବ, ତାହାହେଲେ ଚାଷୀ ଭାଇମାନଙ୍କୁ କିଏ ବା କାହିଁକି ସହାୟକ ମୂଲ୍ୟ ଦେଇ ଧାନ କିଣିବ ? ସହାୟକ ମୂଲ୍ୟ ନ ପାଇ ରବି ପାଇଁ ପ୍ରସ୍ତୁତ ହେଉଥିବା ଚାଷୀ ଭାଇ ବାଧ୍ୟ ହୋଇ କମ୍ ମୂଲ୍ୟରେ ଧାନ ବିକିବ। ତାହା ହିଁ ହେଲା। ବାଲେଶ୍ୱରରେ ୧୦୦ କେଜିଆ ଧାନବସ୍ତା ୫୧୦ ଟଙ୍କା ବଦଳରେ ୩୬୦ ଟଙ୍କାରେ ବିକ୍ରି ହେଲା ତ ବରଗଡ଼ରେ ୭୫ କେଜିଆ ବସ୍ତା ୩୭୦ ଟଙ୍କା ବଦଳରେ ୨୮୦ ଟଙ୍କାରେ ବିକ୍ରି ହେଲା। ଶାସନ ସଚିବ ଶ୍ରୀ ନନ୍ଦ ମଧ୍ୟ ଏହାକୁ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଅର୍ଥାତ୍ ମିଲ୍ ମାଲିକମାନେ ପରିସ୍ଥିତିର ସୁଯୋଗ ନେଇ ବସ୍ତା ପିଛା ପ୍ରାୟ ଶତାଧିକ ଟଙ୍କା ଲାଭ ପାଇଲେ। ରେଳରୋକୋ, ରାସ୍ତାରୋକୋ, ଜିଲ୍ଲାପାଳଙ୍କ ଆଗରେ ଧାରଣା, ଘେରାଉ ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀ ଭାଇମାନଙ୍କ ପ୍ରତିକ୍ରିୟା ପ୍ରକାଶ ପାଇଲା। ସରକାର ଏହାର କି ଜବାବ ଦେଲେ ? ଚାଷୀମାନଙ୍କୁ ସହାୟକ ମୂଲ୍ୟ କିପରି ମିଳିବ, ସେ ବିଷୟରେ ପ୍ରଶାସନ କଳକୁ ତାଗିଦ୍ କରିବା ପରିବର୍ତ୍ତେ ଯୋଗାଣ ମନ୍ତ୍ରୀ ବେଦପ୍ରକାଶ ଅଗ୍ରୱାଲ୍ କୁମ୍ଭୀର କାନ୍ଦଣା କାନ୍ଦି ଓଲଟା ମିଲ୍ ମାଲିକଙ୍କର ଓକିଲ ସାଜିଲେ। ଯୁକ୍ତି କରାଗଲା, ମିଲ୍ ମାଲିକମାନେ ପ୍ରବଳ କ୍ଷତି ସହିଛନ୍ତି। ସେମାନଙ୍କ ପାଖରେ ଆଗାମୀ ରବି ଫସଲକୁ କିଣିବାପାଇଁ କାମଚଳା ମୂଳଧନ ନାହିଁ। ଏ ମାନ୍ଦା ଅବସ୍ଥା ଯଦି ବଳବତ୍ତର ରହେ, ଅଭାବୀ ବିକ୍ରି ସମସ୍ୟା ଅଧିକ ଉତ୍କଟ ହେବ ସିନା; ଚାଷୀଭାଇଙ୍କର ସମସ୍ୟାର ସମାଧାନ ହେବନାହିଁ। ସରକାର କାଳେ ବେଳହୁଁ ସାବଧାନ ହେବାପାଇଁ ଅଣ୍ଟା ଭିଡ଼ିଲେ। ପ୍ରଥମେ ପ୍ରସ୍ତାବ ଦିଆଗଲା, ମିଲ୍ ମାଲିକମାନଙ୍କଠୁଁ ଆହୁରି ଅଧିକ 'ଲେଭି' ଚାଉଳ ସଂଗ୍ରହ କରିବାର ଲକ୍ଷ୍ୟ ରଖାଯାଉ। ଶତକଡ଼ା ୭୫ ଭାଗ ଲକ୍ଷ୍ୟକୁ ବଢ଼ାଇ ଶତପ୍ରତିଶତ କରାଯାଉ। ଏହା ଏକ ଉଦ୍ଭଟ କଳ୍ପନା। ଭାରତର କୌଣସି ପ୍ରଦେଶରେ ୫୦ ଭାଗରୁ ଅଧିକ 'ଲେଭି' ଧାର୍ଯ୍ୟ କରାଯାଏନାହିଁ। ୫୦ ଭାଗ ଚାଉଳକୁ ଖୋଲା ବଜାରରେ ପ୍ରତିଯୋଗିତା କରିବାପାଇଁ ଛାଡ଼ି ଦିଆଯାଏ। କିନ୍ତୁ ଆମ ସରକାର ଚାଷୀମାନଙ୍କ ଦୁଃଖରେ ଯେତିକି ତରଳିଲେ ନାହିଁ; ମିଲ୍ ମାଲିକମାନଙ୍କର କଥିତ ସଙ୍କଟରେ ଅଧିକ ଦ୍ରବୀଭୂତ ହେଲାପରି ମନେହେଲେ। କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କର ଏ ଉଦ୍ଭଟ କଳ୍ପନାକୁ ପ୍ରତ୍ୟାଖ୍ୟାନ କରିବା ଫଳରେ ଆମ ଶାସନ ସଚିବମାନେ ମନ୍ତ୍ରୀଙ୍କୁ ନୂଆ ବୁଦ୍ଧି ଦେଲେ। ଦୁର୍ନୀତିଖୋର ମନ୍ତ୍ରୀ ଲୋଭରେ ଖାଦ୍ୟ ନିଗମର ଲକ୍ଷ୍ୟକୁ ଆଉ ଦୁଇ ଲକ୍ଷ ଟନ୍ ଅଧିକ ବଢ଼ାଇଦେଲେ। ଫଳରେ ଶତପ୍ରତିଶତ ଲେଭି ଧାର୍ଯ୍ୟ ହୋଇଥିଲେ ଯାହା ହୋଇଥାନ୍ତା, ତାହା ପଛ ଦରଜାବାଟେ ହାସଲ ହେଲା। ମାନ୍ୟବର ମନ୍ତ୍ରୀ ମହୋଦୟ ମିଲ୍ ମାଲିକମାନଙ୍କର ମାର୍କେଟିଂ ଅଫିସର ସାଜିଲେ। ମିଲ୍ ମାଲିକମାନଙ୍କୁ ମାନ୍ଦା ବଜାରରେ ଚାଉଳ ବିକ୍ରି କରିବାପାଇଁ ଆଉ କୌଣସି ପରିଶ୍ରମ କରିବାକୁ ପଡ଼ିଲା ନାହିଁ।

ଏବେ ପ୍ରଶ୍ନ ଉଠୁଛି, ଆଉ ଯେଉଁ ଚାରି ଲକ୍ଷ ଟନ୍ ଚାଉଳ ଏଫ୍.ସି.ଆଇ. ମିଲ୍ ମାଲିକଙ୍କଠାରୁ କିଣିବ, କେଉଁ ମୂଲ୍ୟରେ କିଣିବ ? ଏଥିପାଇଁ ଯେଉଁ ଧାନ ମିଲ୍ ମାଲିକମାନେ ଚାଷୀ ଭାଇମାନଙ୍କଠାରୁ ସଂଗ୍ରହ କରିଥିଲେ ତାହା କେଉଁ ଦରରେ କିଣାଯାଇଥିବ ? ଆମ ହିସାବରେ ଚାରି ଲକ୍ଷ ଟନ୍ ଅଧିକ ଚାଉଳ ବିକିଲେ ଅନ୍ତତଃପକ୍ଷେ ୩୬ କୋଟି ଟଙ୍କାର ଲାଭ ମିଲ୍ ମାଲିକମାନଙ୍କୁ ମିଳିବ। ଗୋଟିଏ ସରକାରୀ ନିଷ୍ପତ୍ତି ଫଳରେ ଯଦି ୩୬ କୋଟି ଟଙ୍କାର ଲାଭ ହୋଇପାରୁଛି, ଲାଭର ହିତାଧିକାରୀମାନେ ନିଷ୍ପତ୍ତିର ସୂତ୍ରଧର ଯୋଗାଣମନ୍ତ୍ରୀ ଏବଂ ତାଙ୍କର ଚେଲାଚାମୁଣ୍ଡାମାନଙ୍କୁ କ'ଣ କିଛି ଭାଗ ଦେଇ ନ ଥିବେ ? ଆଜିର ପି.ସି. ଯୁଗରେ ଏହା କ'ଣ ସମ୍ପୂର୍ଣ୍ଣ ଅମୂଳକ ବୋଲି କହିହେବ ?